# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 26 November – 2025

# ସମ୍ବିଧାନ ଦିବସ

ଭାରତୀୟ ସମ୍ବିଧାନ ଗ୍ରହଣର ୭୬ ବର୍ଷ ପୂର୍ତ୍ତି ଅବସରରେ ଆଜି ଦେଶ ବ୍ୟାପୀ ସମ୍ବିଧାନ ଦିବସ ପାଳନ କରାଯାଉଛି । ୧୯୪୯ମସିହା ନଭେମ୍ବର ୨୬ ତାରିଖ ଦିନ ଭାରତୀୟ ସମ୍ବିଧାନସଭା ପକ୍ଷରୁ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ ହୋଇଥିଲା ।

ଚଳିତ ବର୍ଷର ସମ୍ବିଧାନ ଦିବସର ବିଷୟ ରହିଛି 'ଆମ ସମ୍ବିଧାନ– ଆମ ସ୍ୱାଭିମାନ'। ସମ୍ବିଧାନ ଦିବସ ଅବସରରେ ଆଜି ନୂଆଦିଲ୍ଲୀର ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଓ ସାଂସଦ ମାନେ ଯୋଗଦେବା ସହ ସମ୍ବିଧାନର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିବେ।

କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ସମ୍ବିଧାନର ମୁଖବନ୍ଧ ପାଠ କରିବେ ବୋଲି ଜଣାପଡ଼ିଛି । ଏହି ଅବସରରେ ଓଡ଼ିଆ ସମେତ ୯ଟି ଭାଷାରେ

ସମ୍ବିଧାନର ଅନୁବାଦିତ ପୁସ୍ତକ ଉନ୍ମୋଚନ କରାଯିବ । ଏକ ସ୍ମାରକୀ ପୁସ୍ତିକା ମଧ୍ୟ ଏହି ଅବସରରେ ଉନ୍ମୋଚିତ ହେବାର କାର୍ଯ୍ୟସୂଚୀ ରହିଛି ।

## ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ୍ ପକ୍ଷରୁ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଶୁକ୍ରବାର ଗୃହରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ଏହି ଅଧିବେଶନ ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପ୍ରକଳ୍ପ ମଂଜୁରୀ

ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ କମିଟି ବୈଠକରେ ୧୧ଟି ଜିଲ୍ଲାରେ ୨୦ଟି ଶିଳ୍ପ ପ୍ରକଳ୍ପକୁ ମଂଜୁରୀ ମିଳିଛି । ଏହି ପ୍ରକଳ୍ପ ପାଇଁ ୪ ହଜାର ୩୫୩ କୋଟିଟଙ୍କାର ପୁଞ୍ଜି

ନିବେଶ ହେବ । ଏହା ଦ୍ୱାରା ୭ ହଜାର ୮୧୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ବୈଠକରୁ ଜଣାପଡ଼ିଛି ।

## ଧାନ-ମନ୍ତ୍ରିସ୍ତରୀୟ ବୈଠକ

ରାଜ୍ୟରେ ଖରିଫ୍ ଧାନ ସଂଗ୍ରହ ଆରମ୍ଭ ହୋଇଥିବା ବେଳେ ଆନ୍ତଃ ମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ,ସରକାରଙ୍କ ପାଖରେ କୌଣସି ବକେୟା ରଖିନଥିବା ମିଲରମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ । ଏଥିପାଇଁ ରାଜ୍ୟର ସବୁ ଜିଲ୍ଲାରେ ସାଟେଲାଇଟ୍ ଯାଞ୍ଚ ଜାରି ରହିଛି । ଯାଞ୍ଚ ସମୟରେ ଅଣଧାନଚାଷୀ ଚିହ୍ନଟ ହେଲେ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯିବ । ଧାନ ସଂଗ୍ରହ ସଂପର୍କରେ କୌଣସି ଅଭିଯୋଗ ଥିଲେ ଚାଷୀମାନେ ଟୋଲ୍ ଫ୍ରି ନମ୍ବର ୧୯୬୭କୁ ଜଣାଇ ପାରିବେ । ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ବନ୍ଧ ସୁରକ୍ଷା

କୋରାପୁଟ ଜିଲ୍ଲାର ଉପରକୋଲାବ ବହୁମୁଖୀ ପ୍ରକଳ୍ପ ଅନ୍ତର୍ଗତ ମୁଖ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ଧ ସୁରକ୍ଷା ପାଇଁ ସାମୂହିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ଏନ୍ଏସ୍ଡିର ନିର୍ଦ୍ଦେଶକ ମହେନ୍ଦ୍ର ସିଂ ବର୍ମା,

ମୁଣ୍ଡଳିର ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ନରେନ୍ଦ୍ର ଶର୍ମା, ଆକାଶବାଣୀ ଜୟପୁର କେନ୍ଦ୍ରର ମୁଖ୍ୟ ବିକ୍ରମ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ବୈଠକ

ରାୟଗଡ଼ା ଜିଲ୍ଲା ପରିଷଦର ୮୧ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟସେବା, ଗ୍ରାମ୍ୟ ନିର୍ମାଣ, ଶିକ୍ଷା ଏବଂ ଜଳଯୋଗାଣ ବିଭାଗର ବିଭିନ୍ନ ପ୍ରକଳ୍ପ ନେଇ ଆଲୋଚନା ହୋଇଯାଇଛି । ପରିଷଦର ଅଧ୍ୟକ୍ଷା ସରସ୍ୱତୀ ମାଝୀଙ୍କ ଅଧ୍ୟକ୍ଷତାରେ  ଆୟୋଜିତ ବୈଠକରେ ସାଂସଦ ସପ୍ତଗିରି ଉଲ୍ଲାକା ଏବଂ ଜିଲ୍ଲାର ବିଧାୟକମାନେ ଉପସ୍ଥିତ ଥିଲେ ।

## ସର୍ବେକ୍ଷଣ

ଖୋର୍ଦ୍ଧା ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଆରମ୍ଭ ହୋଇଥିବା ସର୍ବେକ୍ଷଣ ଗତକାଲି ଶେଷ ହୋଇଛି । ସର୍ବେକ୍ଷଣ ସମୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମରେ ୪୧ଟି ଦଳ ନିୟୋଜିତ ହୋଇଥିଲେ ।

## ଟ୍ରେନ୍ ଚଳାଚଳ

ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସପ୍ତାହକୁ ୩ ଦିନ ପରିବର୍ତ୍ତେ ନିୟମିତ ଚଳାଚଳ କରିବ । ଏହି ନିଷ୍ପତ୍ତି ଦ୍ୱାରା ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବା ସହ ଓଡ଼ିଶା ଏବଂ ଗୁଜରାଟ  ମଧ୍ୟରେ ଥିବା

ଅଞ୍ଚଳଗୁଡ଼ିକରେ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରାସେବା ପ୍ରଦାନ କରାଯାଇ ପାରିବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି ।

## ଦୁଗ୍ଧ ଦିବସ

ଦେଶରେ ଶ୍ୱେତ ବିପ୍ଳବର ଜନକ ଭାବେ ପରିଚିତ ଡକ୍ଟର ଭର୍ଗିସ୍ କୁରିଏନ୍‌ଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଉଛି । ଭାରତ ବିଶ୍ୱର ମୋଟ୍ କ୍ଷୀର ଉତ୍ପାଦନର ପ୍ରାୟ ଏକଚତୁର୍ଥାଂଶ ଯୋଗାଇଥାଏ । ଦେଶରେ ଗତ ୧୧ ବର୍ଷ ମଧ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ୭୦ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ଜଣାପଡ଼ିଛି ।

ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଆଗାମୀ ୫ ବର୍ଷରେ ଦୁଗ୍ଧ ଉତ୍ପାଦନକୁ ୨ଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ପାଣିପାଗ

ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଏହା ଅବପାତରେ ପରିଣତ ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି, ଓଡ଼ିଶା ଉପରେ ଲଘୁଚାପର ସିଧାସଳଖ ପ୍ରଭାବ ପଡ଼ିବ ନାହିଁ ।

**V/O**

ରାଜ୍ୟର କେତେକ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ ପାଇବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।